# VideshSampark Seminar at Bengaluru

**February 26, 2020**

---

# ବେଙ୍ଗାଲୁରୁରେ ବିଦେଶ ସମ୍ପର୍କ ସେମିନାର୍

ଫେବୃୟାରୀ 26, 2020

26 ଫେବୃଆରୀ 2020 ରେ ବେଙ୍ଗାଲୁରୁରେ ଅନୁଷ୍ଠିତ ବୈଦେଶିକ ସଂଯୋଗ ସିରିଜ୍ ଅଧୀନରେ ରାଜ୍ୟର ଆଉଟ୍ ରିଚ୍ କାର୍ଯ୍ୟକ୍ରମ ପାଇଁ ମାନ୍ୟବର ବୈଦେଶିକ ବ୍ୟାପାର ମନ୍ତ୍ରୀ ଶ୍ରୀ ଭି ମୁରଲୀଧରନ୍ ବୈଦେଶିକ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ପ୍ରତିନିଧିତ୍ୱ କରିଥିଲେ । କର୍ଣ୍ଣାଟକ ସରକାରଙ୍କ ମାନ୍ୟବର ଆଇନ, ସଂସଦୀୟ ବ୍ୟାପାର, ବିଧାନ ଏବଂ କ୍ଷୁଦ୍ର ଜଳସେଚନ ମନ୍ତ୍ରୀ ଶ୍ରୀ ଜେ. ସି ମଧୁ ସ୍ୱାମୀ କର୍ଣ୍ଣାଟକ ସରକାର ପ୍ରତିନିଧୀମଣ୍ଡଳଙ୍କ ନେତୃତ୍ୱ ନେଇଥିଲେ, ଯେଉଁଥିରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ତଥା ଶିଳ୍ପ ପ୍ରତିନିଧୀମାନେ ସାମିଲ ହୋଇଥିଲେ । କର୍ଣ୍ଣାଟକର ନିଯୁକ୍ତି ଏଜେନ୍ସିର ଅନ୍ୟ ହିତାଧିକାରୀ ଏବଂ ଗଣମାଧ୍ୟମ ଏଥିରେ ଅଂଶଗ୍ରହଣ କରିଥିଲେ।

ବୈଦେଶିକ ସମ୍ପର୍କ କାର୍ଯ୍ୟକ୍ରମ ଅଧୀନରେ କର୍ଣ୍ଣାଟକ ସରକାରଙ୍କ ସହଭାଗିତାରେ ବୈଦେଶିକ ମନ୍ତ୍ରଣାଳୟ ବେଙ୍ଗାଲୁରୁରେ ରାଜ୍ୟ ଆଉଟରିଚ୍ କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ବୈଦେଶିକ ବ୍ୟାପାର ରାଜ୍ୟ ମନ୍ତ୍ରୀ ଶ୍ରୀ ଭି. ମୁରଲିଧରନ୍ ଏବଂ କର୍ଣ୍ଣାଟକର ଆଇନ ମନ୍ତ୍ରୀ ଶ୍ରୀ ଜେ. ସି ମଧୁ ସ୍ୱାମୀ ଉଦଘାଟନୀ ଅଧିବେଶନରେ ମୁଖ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ସପରକ୍ଷିତ ଏବଂ ଆଇନତଃ ପ୍ରବାସ ପ୍ରଦାନ କରିବା ପାଇଁ କନସୁ୍ୟଲାର୍, ପାସପୋର୍ଟ ଏବଂ ପ୍ରବାସୀ ପ୍ରସଙ୍ଗ ସମ୍ବନ୍ଧରେ ମନ୍ତ୍ରାଳୟର କାର୍ଯ୍ୟକ୍ରମ, ଯୋଜନା ଏବଂ ଉଦ୍ୟମ ବିଷୟରେ ରାଜ୍ୟ ସରକାରଙ୍କ ହିତାଧିକାରୀଙ୍କ ମଧ୍ୟରେ ସଚେତନତା ବଢ଼ାଇବା ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା । ଏକ ନୂଆ ପଦକ୍ଷେପ ମାଧ୍ୟମରେ ବ୍ୟାପାର ଏବଂ ନିବେଶ ପ୍ରସଙ୍ଗରେ କରାଯାଇଥିବା ପ୍ରସ୍ତୁତି ଉପସ୍ଥାପନ କରାଯାଇଥିଲା । ବିଭିନ୍ନ ପ୍ରକାରର ହିତାଧିକାରୀମାନଙ୍କ ସହ ପାରସ୍ପରିକ ବାର୍ତ୍ତାଳପ ଦ୍ୱାରା, ଏହି ଅଧିବେସନରେ ଗଭୀର ମାନସ ମନ୍ଥନର ଅବସର ପ୍ରଦାନ କରାଯାଇଥିଲା । ଯେଉଁଥିରେ ରାଜ୍ୟ ସରକାର ଏବଂ ମନ୍ତ୍ରଣାଳୟ ଏ ସବୁ କ୍ଷେତ୍ର ସମ୍ବନ୍ଧିତ ମାମଲାକୁ ସମ୍ବୋନ୍ଧିତ କରିବା, ପ୍ରକ୍ରିୟାକୁ ସକ୍ରିୟ କରିବା ଓ ସର୍ବୋତ୍ତମ ପ୍ରଣାଳୀକୁ ଯୋଗାଇଦେବା ପାଇଁ କିପରି ସମନ୍ୱୟ ମଜବୁତ କରାଯାଇ ପାରିବ ସେ ନେଇ ବିଚାର ବିମର୍ଶ କରାଯାଇଥିଲା ।

ଆଗାମୀ ମାସ ଗୁଡ଼ିକରେ ବିଭିନ୍ନ ରାଜ୍ୟ ସରକାରଙ୍କ ସହଯୋଗ ଦ୍ୱାରା ଅନେକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ମନ୍ତ୍ରାଳୟ ଯୋଜନା ରଖିଛି ।

**ନୂଆ ଦିଲ୍ଲୀ**
**ଫେବୃୟାରୀ 26, 2020**

DISCLAIMER : This is an approximate translation. The original is available in English on MEA's website and may be referred to as the official press release